# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 15 April – 2025

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ପାଳିତ ହୋଇଥିବା ଓଡ଼ିଆ ପକ୍ଷ, ଓଡ଼ିଆ ଅସ୍ମିତାର ଭାବନାକୁ ଅଧିକ ରୁଦ୍ଧିମନ୍ତ କରିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଗତକାଲି ଓଡ଼ିଆ ପକ୍ଷର ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହାକୁ ଓଡ଼ିଶାର ଅନନ୍ୟ ପରିଚୟ ଓ ଐତିହ୍ୟକୁ ପ୍ରଦର୍ଶନ କରିବାର ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି କହିଛନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଓଡ଼ିଆ ନବବର୍ଷ

ରାଜଭବନରେ ଓଡ଼ିଆ ନବବର୍ଷ ଏବଂ ହିମାଚଳ ପ୍ରଦେଶର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରକୃତ ଭାବନାକୁ ପ୍ରତିଫଳିତ

କରୁଛି । ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ପ୍ରତିବଦ୍ଧ ହେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

## ହାଇକୋର୍ଟ-ଜବତ ସମ୍ପତ୍ତି

ଆଇନ୍‌ଗତ ବୈଧ କାରଣ ନଥାଇ ଜବତ ସମ୍ପତ୍ତିକୁ ତଦନ୍ତକାରୀ ସଂସ୍ଥା ଓ ନିମ୍ନ ଅଦାଲତ ନିଜ ହେଫାଜତରେ ରଖିପାରିବେ ନାହିଁ ବୋଲି ହାଇକୋର୍ଟକହିଛନ୍ତି । ଏ ସମ୍ପର୍କରେ ସମସ୍ତ ନିମ୍ନ ଅଦାଲତ, ସ୍ୱତନ୍ତ୍ର ଅଦାଲତ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶିକା ଜାରି କରାଯାଇଛି । ଏକ ମାମଲାର ବିଚାର କରି ହାଇକୋର୍ଟ କହିଛନ୍ତି ଉଚିତ୍ କାରଣ ନଥାଇ ନିମ୍ନ ଅଦାଲତ ଓ ତଦନ୍ତକାରୀ ସଂସ୍ଥା ଜବତ ସମ୍ପତ୍ତିକୁ ହସ୍ତାନ୍ତର ପାଇଁ ସଠିକ୍ ପଦକ୍ଷେପ ନେବାକୁ ପଡ଼ିବ । ଅନ୍ୟପକ୍ଷରେ ଜବତ ଟଙ୍କାକୁ ଜାତୀୟକରଣ ବ୍ୟାଙ୍କରେ ରଖାଯାଇ ପରବର୍ତ୍ତୀ ସମୟରେ ହସ୍ତାନ୍ତର କରାଯିବ । ସେହିଭଳି ଜବତ ଗାଡ଼ିକୁ ହସ୍ତାନ୍ତର ପର୍ଯ୍ୟନ୍ତ ସୁରକ୍ଷିତ ରଖାଯିବାକୁ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଭିତ୍ତିପ୍ରସ୍ତର ସ୍ଥାପନ

ଗଞ୍ଜାମ ଜିଲ୍ଲା ଧନେଇ ଡ୍ୟାମ୍‌ର ଉନ୍ନତିକରଣ ଓ ଜଳଭଣ୍ଡାରର ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନା ଅନୁଯାୟୀ ଜଳଭଣ୍ଡାରର ଉଚ୍ଚତା ୧ମିଟର ବୃଦ୍ଧି କରାଯିବ । ଫଳରେ ୩୭୨ହେକ୍ଟର ଅଧିକ ଜମିକୁ ଜଳସେଚନ କରାଯାଇପାରିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ

କହିଛନ୍ତି ଜଳଧାରଣ କ୍ଷମତା ବୃଦ୍ଧି ପାଇବା ପରେ ଜିଲ୍ଲାର ଭାବରଡା, ଚିରିକିପଡା ଶାସନ, ନିମିନା, ମାଳତେନ୍ତୁଳିଆ, ସାନବରଗାଁ ଓ ମଧୁପଲ୍ଲୀ ଗ୍ରାମର ଚାଷୀମାନେ ଉପକୃତ ହୋଇପାରିବେ ।

## ଧର୍ମେନ୍ଦ୍ର ପ୍ରଧାନ

ହନୁମାନ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ବିଭିନ୍ନ ସ୍ଥାନରେ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସେ ବ୍ରୁକ୍ ହିଲ୍ସ ହନୁମାନ ମନ୍ଦିରରେ ଦର୍ଶନ କରିବା ସହ ଆଳତୀ କରିଥିଲେ । ରାଜ୍ୟ ଓ ଦେଶର ବିକାଶ ପାଇଁ କାମନା କରିବା ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମାଜରେ ଭାଇଚାରା ଓ ସମର୍ପଣ ଭାବନା ଆହୁରି ବୃଦ୍ଧିପାଉ ବୋଲି ଆଶାବ୍ୟକ୍ତ କରିଥିଲେ ।

## ବସ୍ ଚଳାଚଳ

କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଞ୍ଚଳକୁ ଖୁବ୍‌ଶୀଘ୍ର ବସ୍ ଚଳାଚଳ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଓ ଓଡ଼ିଶା ରାଜ୍ୟ ପରିବହନ ନିଗମର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି । ଆସନ୍ତା ଏକମାସ ମଧ୍ୟରେ ଫୁଲବାଣୀଠାରୁ ବେଲଘର, କେରୁବାଡି, ହାତୀମୁଣ୍ଡା, ମଣ୍ଡାଶ, ଝିରିପାଣି ଓ ବିଲମାଳକୁ ୮ଟି ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍ ଚଳାଚଳ କରିବ । ସେହିପରି ବିଭିନ୍ନ ଆନ୍ତଃଜିଲ୍ଲା ମାର୍ଗ ପାଇଁ ମଧ୍ୟ ନୂଆ ବସ୍ ଯୋଗାଇ ଦିଆଯିବ ବୋଲି ଜଣାପଡିଛି ।

## ବିଏଡ୍ ନାମଲେଖା

ଚଳିତ ଶିକ୍ଷା ବର୍ଷ ନିମନ୍ତେ ସ୍ନାତକୋତ୍ତର ଏବଂ ଦୁଇ ବର୍ଷିଆ ବି.ଏଡ୍./ ଏମ୍.ଏଡ୍/ ବି.ଏଚ୍.ଏଡ୍./ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୨୦୨୫-୨୬ ନିମନ୍ତେ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ନାତକ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀମାନଙ୍କ ପାଇଁ ଆସନ୍ତାକାଲି ଠାରୁ କମନ୍ ଆପ୍ଲିକେସନ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହେବ। ଏହା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ କରାଯିବ। ଛାତ୍ରଛାତ୍ରୀମାନେ ସାମ୍ସ ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତାର ମହିଳା ବର୍ଗରେ ପ୍ରଥମ ସେମିଫାଇନାଲରେ ସିଆର୍‌ପିଏଫ୍ ଦଳ ଉତ୍ତରପ୍ରଦେଶକୁ ୧-୦ ଗୋଲ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ସେହିପରି ଦ୍ୱିତୀୟ ସେମିଫାଇନାଲରେ ଏସ୍‌ଏସ୍‌ବି ୨-୧ ଗୋଲ୍‌ରେ ଓଡ଼ିଶା ପୋଲିସ୍‌କୁ ପରାସ୍ତ କରିଛି ।

ଆଜି ଅପରାହ୍ନ ୪ଟାରେ ଏସ୍‌ଏସ୍‌ବି ଏବଂ ସିଆର୍‌ପିଏଫ୍ ମହିଳା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ସେହିପରି ପୁରୁଷ ବର୍ଗରେ

ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ପଞ୍ଜାବ ୭-୪ ଗୋଲ୍‌ରେ ଆଇଟିବିପିକୁ ପରାସ୍ତ କରିଥିବାବେଳେ ସିଆର୍‌ପିଏଫ୍ ୩-୧ ଗୋଲ୍‌ରେ ବିଏସ୍‌ଏଫ୍‌କୁ ପରାସ୍ତ କରିଛି । ଆଜି ସଂଧ୍ୟା ୬ଟାରେ ପଞ୍ଜାବ ଏବଂ ସିଆର୍‌ପିଏଫ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।